# Phone call between Prime Minister Shri Narendra Modi and H.E. Giuseppe Conte, Prime Minister of Italy

May 08, 2020

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଜ୍ୟୁସେପେ କଣ୍ଟେଙ୍କ ସହିତ ଆଜି ଟେଲିଫୋନ୍ ରେ କଥାବାର୍ତ୍ତା

ମଇ 08, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଜ୍ୟୁସେପେ କଣ୍ଟେଙ୍କ ସହିତ ଆଜି ଟେଲିଫୋନ୍ ରେ କଥାବାର୍ତ୍ତା କରିଛନ୍ତି।

ପ୍ରଧାନମନ୍ତ୍ରୀ COVID-19 ମହାମାରୀ ଯୋଗୁଁ ଇଟାଲୀରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ସଂବେଦନା ଜଣାଇଛନ୍ତି। ସେ ସଙ୍କଟ ସମୟରେ ଇଟାଲୀର ନାଗରିକମାନଙ୍କ ଦ୍ୱାରା ଦେଖାଯାଇଥିବା ଦୃଢ ସାହାସକୁ ପ୍ରଶଂସା କରିଥିଲେ।

ଏହି ଦୁଇ ନେତା ନିଜ ନିଜ ଦେଶରେ ତଥା ବିଶ୍ୱ ସ୍ତରରେ ମହାମାରୀର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ପ୍ରଭାବକୁ ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ। ସେମାନେ ପରସ୍ପର ସହ ଏକତା ପ୍ରକାଶ କରିଥିଲେ ଏବଂ ପରସ୍ପର କ୍ଷେତ୍ରରେ ଅଟକି ଯାଇଥିବା ନାଗରିକଙ୍କ ପ୍ରତି ବିସ୍ତାର ହୋଇଥିବା ପାରସ୍ପରିକ ସହଯୋଗକୁ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ କଣ୍ଟେଙ୍କୁ ଆବଶ୍ୟକୀୟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବାରେ ଭାରତର ଅତ୍ୟଧିକ ସହଯୋଗ ଓ ସମର୍ଥନ ପାଇଁ ଆଶ୍ୱାସନା ଦେଇଛନ୍ତି।

ନେତାମାନେ ଦ୍ୱିପକ୍ଷୀୟ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଭାରତ ଏବଂ ଇଟାଲୀ ମଧ୍ୟରେ ସକ୍ରିୟ ପରାମର୍ଶ ଏବଂ ସହଯୋଗ ଜାରି ରଖିବା ଉପରେ ସହମତ ବ୍ୟକ୍ତ କରିଥିଲେ।

ଇଟାଲୀର ପ୍ରଧାନମନ୍ତ୍ରୀ ଉପଯୁକ୍ତ ସମୟରେ ଇଟାଲୀକୁ ଯାତ୍ରା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ କରିଥିବା ନିଜର ନିମନ୍ତ୍ରଣକୁ ଦୋହରାଇଛନ୍ତି।

**ନୂଆ ଦିଲ୍ଲୀ**
**ମଇ 08, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.